# ଜଳସାଥୀ

## ସହରାଞ୍ଚଳ ପାନୀୟ ଜଳ ଯୋଗାଣର ସାରଥୀ



" ପରିବାରର ସ୍ୱାସ୍ଥ୍ୟ ପାଇଁ ମା' ହିଁ ସବୁଠାରୁ ଅଧିକ ଧ୍ୟାନ ଦେଇଥାଏ । ଭଲ ପିଇବା ପାଣି ହିଁ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଆଜିଠାରୁ ଆମର ମା'ମାନେ ଜଳସାଥୀ ଭାବରେ ଲୋକଙ୍କୁ ସେବା ଯୋଗାଇ ଦେବାର ଏକ ସୁବର୍ଣ୍ଣ ସୁଯୋଗ ପାଇବେ ।

**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ**
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା
ଡିସେମ୍ବର ୧୮, ୨୦୧୯

# ଜଳସାଥୀ

କାର୍ଯ୍ୟଦକ୍ଷତା ଆଧାରିତ ଆର୍ଥିକ ପ୍ରୋତ୍ସାହନ ସହିତ ଜଳ ପରିଚାଳନାରେ
ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ସହଭାଗୀତା

ସାରା ରାଜ୍ୟରେ ପ୍ରତିଦିନ ୧୦୦ କୋଟି ଲିଟରରୁ ଅଧିକ ପାନୀୟ ଜଳ ବଣ୍ଟନ ପରିଚାଳନା



ରାଜ୍ୟର ୧୧୪ ସହରାଞ୍ଚଳରେ ୭୦ ଲକ୍ଷରୁ ଅଧିକ ଉପଭୋକ୍ତାଙ୍କ ସହିତ ୧୨ ଲକ୍ଷ ପରିବାର ଉପକୃତ




# ଜଳସାଥୀ

## ମିଶନ ଶକ୍ତି ସ୍ୱୟଂ ସହାୟିକା ଗୋଷ୍ଠୀର ମା'ମାନଙ୍କ ହାତରେ ସହରାଞ୍ଚଳ ଜଳ ଯୋଗାଣ ପରିଚାଳନା ଦାୟିତ୍ୱ

- ଓଡ଼ିଶାର ସମସ୍ତ ସହରାଞ୍ଚଳର ପ୍ରତ୍ୟେକ ପରିବାର ପାଇଁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ହେଉଛି ରାଜ୍ୟ ସରକାରଙ୍କ ପ୍ରାଥମିକତା ।

- ଏଥିପାଇଁ ଜଳ ଯୋଗାଣ ଭିତ୍ତିଭୂମିରେ ବ୍ୟାପକ ଉନ୍ନତି ଆଣିବା ସହ ବିଶ୍ୱସ୍ତରୀୟ ବୈଷୟିକ ଜ୍ଞାନକୌଶଳକୁ ଗୁରୁତ୍ୱ ଦିଆଯାଉଛି । ଏହା ସହିତ ଗୁଣାତ୍ମକ ସେବା ପ୍ରଦାନ, ସ୍ଥାୟିତ୍ୱ ଏବଂ ସମ୍ପୃକ୍ତି ଲାଗି ଗୋଷ୍ଠୀ ସହଭାଗିତା ହେଉଛି ଅତି ମହତ୍ତ୍ୱପୂର୍ଣ୍ଣ ।

- ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅଧୀନସ୍ଥ ୱାଟାର କର୍ପୋରେସନ୍ ଅଫ୍ ଓଡ଼ିଶା (ୱାଟ୍‌କୋ) ପକ୍ଷରୁ ୨୦୧୯ ମସିହାରେ ସହରାଞ୍ଚଳ ଜଳ ଯୋଗାଣ କ୍ଷେତ୍ରରେ ପ୍ରଭାବୀ ପରିଚାଳନା ପାଇଁ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନଙ୍କୁ ଯୋଡ଼ା ଯାଇଥିଲା ।

- ଉପଭୋକ୍ତାଙ୍କ ଦୁଆର ମୁହଁରେ ଉତ୍ତମ ସେବା ପ୍ରଦାନ ଏବଂ ଜନ ସମୁଦାୟକୁ ଏହି ସେବା ସହ ଯୋଡ଼ି ରଖିବା ପାଇଁ ଜଳ ଯୋଗାଣ କର୍ତ୍ତୃପକ୍ଷ ଓ ଉପଭୋକ୍ତାଙ୍କ ଭିତରେ ୱାର୍ଡ ସ୍ତରରେ ଏକ ସେତୁ ଭଳି କାମ କରୁଛନ୍ତି ଜଳସାଥୀ ।

# ପରିବର୍ତ୍ତନର ସାଥୀ ଜଳସାଥୀ

### ଶତ ପ୍ରତିଶତ ଲୋକଙ୍କ ଘରକୁ ଜଳ ଯୋଗାଣ ସଂଯୋଗ

ନୂତନ ଉପଭୋକ୍ତାଙ୍କ ଘରେ ଜଳ ଯୋଗାଣ ସଂଯୋଗ ବ୍ୟବସ୍ଥା କରିବା ସହ ବେଆଇନ ସଂଯୋଗଗୁଡ଼ିକୁ ନିୟମିତ କରାଇବା ।

### ଉପଭୋକ୍ତାଙ୍କ ଘରକୁ ଯାଇ ପାଣିର ମାନ ପରୀକ୍ଷଣ କରିବା

ପାଣି ମିଟର ରିଡିଂ ନେବା, ଘରକୁ ଘର ବୁଲି ପାଣି ବିଲ୍ ପ୍ରଦାନ କରିବା ଏବଂ ଡିଜିଟାଲ **(MPoS)** ମେସିନ୍ ମାଧ୍ୟମରେ ଦେୟ ସଂଗ୍ରହ କରିବା






ଜଳ ଯୋଗାଣ କର୍ତ୍ତୃପକ୍ଷ ଉପରେ ଉପଭୋକ୍ତାଙ୍କର ଆସ୍ଥା ବୃଦ୍ଧି, ବିଶ୍ୱାସ ଓ ସନ୍ତୁଷ୍ଟି ପାଇଁ ଜଳ ଯୋଗାଣ ସମ୍ପର୍କିତ ଅଭିଯୋଗଗୁଡ଼ିକର ସମାଧାନ ପାଇଁ ସହାୟତା କରିବା

ଘରେ ଘରେ ପିଇବା ପାଣିର ଗୁଣବତ୍ତାକୁ ସୁନିଶ୍ଚିତ କରିବା ପାଇଁ ଉପଭୋକ୍ତାଙ୍କ ଘରକୁ ଯାଇ ପାଣିର ମାନ ପରୀକ୍ଷଣ କରିବା

ଜଳ ସଂରକ୍ଷଣ ସହିତ ସ୍ୱାସ୍ଥ୍ୟ ଓ ପରିମଳ ବିଷୟରେ ଜନସାଧାରଣଙ୍କୁ ସଚେତନ କରାଇବା





- ରାଜ୍ୟର ୧୧୪ଟି ସହରାଞ୍ଚଳରେ ଜଳ ଯୋଗାଣ ପରିଚାଳନା କାର୍ଯ୍ୟକ୍ରମକୁ ଆଗେଇ ନେବା ପାଇଁ ପ୍ରାୟ ୧,୦୦୦ ଜଳସାଥୀ କରିବେ ସକ୍ରିୟ ସହଭାଗିତା

- ବାର୍ଷିକ ୩୦୦ କୋଟି ଟଙ୍କାର ରାଜସ୍ୱ ଆଦାୟ ହେବା ସହ ପ୍ରାୟ ୨୦ କୋଟି ଟଙ୍କାର ରୋଜଗାର ପାଇପାରିବେ

ଓଡ଼ିଶାର ଜଳସାଥୀ ଭଳି ଅଭିନବ କାର୍ଯ୍ୟକ୍ରମର ସଫଳତାରେ, ଭାରତ ସରକାରଙ୍କ ଗୃହ ନିର୍ମାଣ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରାଳୟ ମଧ୍ୟ ବେଶ୍ ପ୍ରଭାବିତ ହୋଇଛନ୍ତି । ଦେଶର ସବୁ ରାଜ୍ୟରେ ଅମୃତ ୨.୦ ଯୋଜନା କାର୍ଯ୍ୟକାରୀ କରିବା ବେଳେ ସେଥିରେ ଗୋଷ୍ଠୀ ସହଭାଗିତାକୁ ଏକ ଅତ୍ୟାବଶ୍ୟକ ଅଂଶ ଭାବେ ସାମିଲ କରାଯାଇଛି ।



"

ପାନୀୟ ଜଳ ଯୋଗାଣ ଭଳି ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମର ପରିଚାଳନାରେ ଆମେମାନେ ସାମିଲ ହୋଇଥିବାରୁ ବହୁତ ଖୁସି ଅନୁଭବ କରୁଛୁ । ଏଭଳି ଏକ ମହତ୍ କାମରେ ସାମିଲ ହେବାର ସୁଯୋଗ ଦେଇଥିବାରୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ମୁଁ ଆନ୍ତରିକ କୃତଜ୍ଞତା ଜଣାଉଛି ।

**ସୁଜାତା ଦାସ**
ଜଳସାଥୀ, ଭୁବନେଶ୍ୱର



"

ଆଗରୁ ଆମେମାନେ ନିଜ ନିଜର ସ୍ୱାମୀମାନଙ୍କ ରୋଜଗାର ଉପରେ ନିର୍ଭର କରିଆସୁଥିଲୁ । କିନ୍ତୁ ଏବେ ମୁଁ ମାସକୁ ୧୨ରୁ ୧୪ ହଜାର ଟଙ୍କା ପର୍ଯ୍ୟନ୍ତ ରୋଜଗାର କରିପାରୁଛି । ଏଥିପାଇଁ ପରିବାରରେ ମୋର ସମ୍ମାନ ଓ ଗୁରୁତ୍ୱ ଅଧିକ ବଢ଼ିବା ସହ ସମାଜରେ ମଧ୍ୟ ମୋତେ ଯଥେଷ୍ଟ ସମ୍ମାନ ମିଳିପାରିଛି ।

**ଶ୍ରୀମତୀ ମହାପାତ୍ର**
ଜଳସାଥୀ, ପୁରୀ



"

ରାଜ୍ୟ ସରକାରଙ୍କ ସହ ଏଭଳି ସେବା ପ୍ରଦାନକାରୀ କାର୍ଯ୍ୟକ୍ରମରେ ମୁଁ କେବେ ସାମିଲ ହୋଇପାରିବି, ତାହା ଭାବି ନଥିଲି । କିନ୍ତୁ ଏବେ ଆମ ରାଜ୍ୟର ବିକାଶ ପ୍ରକ୍ରିୟାରେ ଆମେ ସହଭାଗୀ ହୋଇପାରୁଥିବାରୁ ଗର୍ବ ଅନୁଭବ ହେଉଛି । ଏକଥା ମୋ ମନରେ ସବୁବେଳେ ବହୁତ ଖୁସି ଆଣି ଦେଉଛି ।

**ସଙ୍ଗୀତା ସିଂ**
ଜଳସାଥୀ, ବ୍ରହ୍ମପୁର

"

**ଜଳ ଯୋଗାଣ ବ୍ୟବସ୍ଥାରେ ଜଳସାଥୀମାନଙ୍କର ସହଭାଗିତା ଏକ ବଡ଼ ପରିବର୍ତ୍ତନର ସୂତ୍ରପାତ କରିପାରିଛି । ଓଡ଼ିଶାର ସହରାଞ୍ଚଳ ଜଳ ଯୋଗାଣ କ୍ଷେତ୍ରରେ ଯେଉଁ ରୂପାନ୍ତରଣ ଆସିଛି, ତାର ସଫଳତା ପଛରେ ଜଳସାଥୀମାନଙ୍କର ଭୂମିକା ଉଲ୍ଲେଖନୀୟ । ଉନ୍ନତ ଏବଂ ଗ୍ରାହକମୁଖୀ ଜଳ ଯୋଗାଣ ସେବା ସହ ମହିଳାମାନଙ୍କ ସଶକ୍ତୀକରଣକୁ ଆଉ ଏକ ନୂଆ ସୋପାନକୁ ଆଗେଇ ନେଇପାରିଛି ଏହି ଜଳସାଥୀ କାର୍ଯ୍ୟକ୍ରମ ।**

**ଜି. ମାଥି ଭାଥନନ**
ପ୍ରମୁଖ ଶାସନ ସଚିବ,
ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର

"



ୱାଟାର କର୍ପୋରେସନ୍ ଅଫ୍ ଓଡ଼ିଶା (ୱାଟ୍‌କୋ)
ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର